# ରାଜ୍ୟସ୍ତରୀୟ ବାର୍ଷିକ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବ - ୨୦୧୦

## ଉଦ୍‌ଘାଟନୀ ସମାରୋହ (୨୬.୦୧.୨୦୧୦)

ଓଡ଼ିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟ ରଂଜନ ସିଂ ବରିହା ମହୋଦୟ ମୁଖ୍ୟ ଅତିଥି ରୂପେ ଆଦିବାସୀ ମେଳା ସାଂସ୍କୃତିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟ ରଂଜନ ସିଂ ବରିହା ଓ ଅନ୍ୟାନ୍ୟ ଅତିଥିଗଣ ଗୁରୁ ମଙ୍ଗେଇ ଗମାଙ୍ଗ, ପଣ୍ଡିତ ରଘୁନାଥ ମୁର୍ମୁ ଏବଂ ଶହୀଦ୍ ଲକ୍ଷ୍ମଣ ନାୟକଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜନଜାତି ହାଟ ପରିସର, ଜନଜାତି ଗ୍ରାମ ପୁଞ୍ଜ ଏବଂ ଆଦିବାସୀ ମେଳାରେ ଖୋଲା ଯାଇଥିବା ବିଭିନ୍ନ ସଂସ୍ଥାର ଷ୍ଟଲଗୁଡ଼ିକ ପରିଦର୍ଶନ କରିଥିଲେ । ମଞ୍ଚ ଉପରକୁ ଆସି ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ଆଦିବାସୀ ମେଳା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆଦିବାସୀ ମେଳାର ଲୋକପ୍ରିୟତାକୁ ଲକ୍ଷରଖି ତାଙ୍କୁ ବିଶ୍ୱ ଦରବାରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଦିବାସୀ ମେଳା ୱେବସାଇଟ୍‌କୁ ମାନ୍ୟବର ମନ୍ତ୍ରୀ ଉନ୍ମୋଚନ କରିଥିଲେ । ଏହାପରେ ଆଦିବାସୀ ଉନ୍ନୟନ ସମବାୟ ନିଗମ ଦ୍ୱାରା **Tribes Orissa Logo**ର ଅନାବରଣ ହୋଇଥିଲା । ଏହା ପରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ **"ଆଦିବାସୀ"** ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା । ସୁନାମଧନ୍ୟ ଗବେଷକ, ପ୍ରଫେସର ଏବଂ ଉନ୍ନୟନ ପ୍ରାଧିକାରୀଙ୍କ ଗବେଷଣା ଆଧାରରେ ଏହି ପତ୍ରିକା ସଂକଳିତ ହୋଇଛି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦ୍ୱାରା ପ୍ରକାଶିତ ବାର୍ଷିକ ସ୍ମରଣିକା **"ବନଜା-୨୦୧୦"** ଏକାଡ଼େମୀର ସଦସ୍ୟସଚିବଙ୍କ ସମ୍ପାଦନାରେ ଏହି ସ୍ମରଣିକା ପ୍ରସ୍ତୁତ ହୋଇଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ୍ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଏବଂ ପ୍ରଫେସର ଅଖିଳ ବିହାରୀ ଓଟା, ନିର୍ଦ୍ଦେଶକ, ପ୍ରଫେସର କୃଷ୍ଣ କୁମାର ମହାନ୍ତି, ଡଃ ଅନନ୍ତ ଚରଣ ସାହୁ, ଶ୍ରୀ ଶରତ ଚନ୍ଦ୍ର ମହାନ୍ତି ଏବଂ ଶ୍ରୀ ତ୍ରିଲୋଚନ ସାହୁଙ୍କ ଦ୍ୱାରା ରଚିତ "Photo Hand Book of PTGs of Orissa", ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦ୍ୱାରା ପ୍ରକାଶିତ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ପ୍ରାଧାପିକା ଡଃ ମେରି ବାଗେଙ୍କ ଗବେଷଣା ନିବନ୍ଧ "Indeginous Knowledge; Studies on the Kharia and Kisan Tribes in Orissa", ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ୍ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ "Critical Issues in Tribal Development" ପ୍ରଫେସର ଅଖିଳ ବିହାରୀ ଓଟାଙ୍କ ଦ୍ୱାରା ସଂପାଦିତ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦ୍ୱାରା ସଂକଳିତ ଏବଂ ପ୍ରକାଶିତ **"ପାରେଙ୍ଗା ଜୀବନଧାରା"** ପୁସ୍ତକ ଅଣଚର୍ଚ୍ଚିତ କୋରାପୁଟର ପାରେଙ୍ଗା ଜନଜାତି ଉପରେ ଆଧାରିତ ପୁସ୍ତକ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟସଚିବ ପ୍ରଫେସର ଅଖିଳ ବିହାରୀ ଓଟା ତଥା ଡଃ ପ୍ରମୋଦ କୁମାର ପରିଡ଼ା ଏବଂ ଡଃ ପରମାନନ୍ଦ ପଟେଲଙ୍କ ଦ୍ୱାରା ସଂକଳିତ **"ଓଡ଼ିଶାର ପ୍ରମୁଖ ଜନଜାତିଙ୍କର ଖାଦ୍ୟରଚି ଓ ଖାଦ୍ୟପରମ୍ପରା"** ପୁସ୍ତକ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ୍ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଏବଂ ଶ୍ରୀ ବିଭୁତି ଭୁଷଣ ମହାନ୍ତି, ପୂର୍ବତନ ଉପ-ନିର୍ଦ୍ଦେଶକ ଏବଂ ଶ୍ରୀ ଶରତ ଚନ୍ଦ୍ର ମହାନ୍ତି, ଗବେଷଣା ଅଧିକାରୀଙ୍କ ଦ୍ୱାରା ରଚିତ "Tribal Customs and Traditions (Vol.-I)" ପୁସ୍ତକ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ଦ୍ୱାରା ପ୍ରକାଶିତ ଏବଂ M.P.C. Collegeର ଓଡ଼ିଆ ବିଭାଗର ପ୍ରାଧାପିକା ଡଃ ଦମୟନ୍ତୀ ବେଶ୍ରାଙ୍କ ଗବେଷଣା ନିବନ୍ଧ **"ସମାଜ ଓ ସଂସ୍କୃତି ପୃଷ୍ଠପଟ୍ଟରେ ମୟୂରଭଞ୍ଜର ସାନ୍ତାଳ"** ପୁସ୍ତକ ଉନ୍ମୋଚିତ ହୋଇଥିଲା ।

ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅନୁସୂଚିତ ଜନଜାତିର ୧୦ ଜଣ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସଂଗୀତ, କଳା, ଶିକ୍ଷ, କ୍ରୀଡ଼ା, ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଓଡ଼ିଶାର ପ୍ରଥିତଯଶା ଜନସେବୀ, ସର୍ବପୂଜ୍ୟ, ନିଷ୍କପଟ, ନିରଳସ, ସ୍ୱାଭିମାନୀ ଆଦିବାସୀ ଜନନେତା ମାନ୍ୟବର ଶ୍ରୀଯୁକ୍ତ ଚୈତନ୍ୟ ପ୍ରସାଦ ମାଝିଙ୍କୁ ତାଙ୍କ ଜୀବନ ବ୍ୟାପି ସାଧନା ନିମନ୍ତେ ସମ୍ମାନୀତ କରାଯାଇଥିଲା ।

ଆଦିବାସୀ ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଓଡ଼ିଶା ଆର୍ଦଶ ଆଦିବାସୀ ଶିକ୍ଷା ସମିତି ମାଧମରେ ରାଜ୍ୟରେ ୧୧ (ଏଗାର) ଗୋଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଛି । ଏହି ୧୧ ଗୋଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ମଧରୁ ଶିକ୍ଷାର ଗୁଣାତ୍ମକ ବିକାଶ ତଥା ଭିତ୍ତିଭୂମିର ଗୁଣାତ୍ମକ ଅଭିବୃଦ୍ଧି ନିମିତ୍ତ ପ୍ରଥମ ପର୍ଯ୍ୟାୟରେ ୬ ଗୋଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ୦ଖଡ ସାର୍ଟିଫିକେଟ୍ ପ୍ରଦାନ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ସେହି ୬ଗୋଟି ଆଦର୍ଶ ଆବାସିକ ବିଦ୍ୟାଳୟକୁ ପୁରସ୍କୃତ କରାଗଲା ।

୧) ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା, ମୟୂରଭଞ୍ଜ

୨) ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି, କେଉଁଝର

୩) ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପରା, ସୁନ୍ଦରଗଡ଼

୪) ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନିପୁର, ସୁନ୍ଦରଗଡ଼

୫) ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗି, ସୁନ୍ଦରଗଡ଼

୬) ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାମ୍ଭିଲୋ, ଯାଜପୁର

ଏହାପରେ ସଭା ସମାପ୍ତ ଉପରାନ୍ତ ଆଦିବାସୀ ନୃତ୍ୟ ଘୁମୁରା, ଗାଦବା ଓ ଦେଶିଆ କନ୍ଧ ନୃତ୍ୟ

□□□